بسم الله الرحمن الرحيم

**୧୫ ଜୁଲାଇ ୨୦୨୨ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ୍**

**ହଜରତ ମୁହମ୍ମଦ ସ.ଅଙ୍କ ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ତଥା ସଠିକ୍ ମାର୍ଗ ଦର୍ଶକ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ ର.ଅଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ; ବିଗତ କିଛି ଖୁତ୍‌ବାରୁ ମୁସଲମାନମାନଙ୍କର ବିଦ୍ରୋହୀମାନଙ୍କ ସହିତ ସଂଘର୍ଷର ଚର୍ଚ୍ଚା ଚାଲିଥିଲା । ହଜରତ ମୁହାଜିର୍ ର.ଅଙ୍କୁ ସନ୍‌ଆରେ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ସଫଳତା ମିଳିବା ପରେ ଯେତେବେଳେ ତାଙ୍କୁ ଦୃଢ଼ତା ଲାଭ ହେଲା ସେତେବେଳେ ସେ ହଜରତ ଅବୁବକର୍ ର.ଅଙ୍କୁ ସମସ୍ତ ଘଟଣା ଚକ୍ର ପ୍ରସଙ୍ଗରେ ସୂଚିତ କଲେ । ହଜରତ ଅବୁବକର୍ ର.ଅ ମୁଆଜ୍ ବିନ୍ ଜବଲ୍ ଓ ୟମନ୍‌ର ଅନ୍ୟାନ୍ୟ କର ଆଦାୟକାରୀଙ୍କୁ କ୍ଷମତା ପ୍ରଦାନ କଲେ ଯେ ସେମାନେ ପସନ୍ଦ କଲେ ୟମନ୍‌ରେ ରହି ପାରିବେ ନତୁବା ନିଜ ଦାୟିତ୍ୱ ଭାର ଅନ୍ୟ କାହାରିକୁ ହସ୍ତାନ୍ତର କରି ମଦିନା ଫେରି ଯାଇ ପାରିବେ । ଫଳତଃ ସମସ୍ତ ଲୋକମାନେ ମଦିନା ଫେରି ଆସିଲେ, ସେଥିଅନ୍ତେ ହଜରତ ମୁହାଜିର୍ ର.ଅଙ୍କୁ ଆଦେଶ ମିଳିଲା ଯେ ଅକରମା ର.ଅଙ୍କ ସହିତ ମିଳିତ ହୋଇ ହଜରେ ମୌତ୍ ଠାରେ ହଜରତ ଜିୟାଦ୍ ବିନ୍ ଲବିଦ୍‌ଙ୍କ ସାହାଯ୍ୟ କର । କିନ୍ଦାଃ କବିଲାର ବିଦ୍ରୋହୀ ଓ ଜକାତ୍ ଦେବାକୁ ସଫା ସଫା ମନା କରି ଦେଇଥିବା ଲୋକମାନଙ୍କ ବିରୋଧରେ ହଜରତ ଜିୟାଦ୍ ବିନ୍ ଲବିଦ୍ ର.ଅ ସେପର୍ଯ୍ୟନ୍ତ କୌଣସି ପ୍ରକାରର ପଦକ୍ଷପ ନେବାରୁ ନିବୃତ୍ତ ରହିଲେ ଯେପର୍ଯ୍ୟନ୍ତ ହଜରତ ମୁହାଜିର୍ ବିନ୍ ଉମଈୟା ର.ଅ ସେଠାରେ ପହଂଚି ଯାଇ ନଥିଲେ । ହଜରତ ମୁହାଜିର୍ ସନ୍‌ଆ ଅଂଚଳରୁ ଏବଂ ହଜରତ ଅକରମା ର.ଅ ଅବୟନ୍ ଅଂଚଳରୁ ହଜରତ ଅବୁବକର୍ ର.ଅଙ୍କ ଆଦେଶକ୍ରମେ ହଜ୍‌ରେ ମୌତ୍ ଆଡ଼କୁ ଯାତ୍ରା ଆରମ୍ଭ କରିଥିଲେ । ଉଭୟଙ୍କର ଭେଟ ମାରବ୍ ସ୍ଥାନରେ ହୋଇଥିଲା ।

କିନ୍ଦାଃର ଜଣେ ଯୁବକ ଭୁଲ ବଶତଃ ନିଜ ଭାଇର ଏକ ଓଟ ଜକାତ୍‌ରେ ହଜରତ ଜିୟାଦ୍ ର.ଅଙ୍କୁ ପ୍ରଦାନ କରିଦେଲେ । ଯାହାକୁ ଜକାତ୍‌ର ଓଟ ଚିହ୍ନଟ କରିବା ପାଇଁ ହଜରତ ଜିୟାଦ୍ ଅଗ୍ନିରେ ଚେଙ୍କ ଲଗାଇ ଦେଇଥିଲେ । ସେଥିଅନ୍ତେ ଉକ୍ତ ଯୁବକ ଜଣକ ଓଟକୁ ବଦଳ କରିବାକୁ ନିବେଦନ କଲେ କିନ୍ତୁ ତାହାର ପ୍ରସ୍ତାବରେ ହଜରତ ଜିୟାଦ୍ ରାଜି ହେଲେ ନାହିଁ । ବସ୍ତୁତଃ ଯୁବକ ଜଣକ ନିଜ କବିଲାକୁ ସାହାଯ୍ୟ ନିମନ୍ତେ ଡ଼ାକିଲା । ଅବୁ ସମିୟତ୍ ଓ ତାହାର ସାଥିମାନେ ବଳପୂର୍ବକ ଉକ୍ତ ଓଟର ଦଉଡ଼ିକୁ ଖୋଲି ଦେଲେ । ହଜରତ ଜିୟାଦ୍ ଅବୁ ସମିୟତ୍ ଓ ତାହାର ସାଥିମାନଙ୍କୁ ବନ୍ଦୀ କରିଦେଲେ ଏବଂ ଓଟକୁ ମଧ୍ୟ ନିଜ ଅକ୍ତିଆରକୁ ନେଇ ଆସିଲେ । ସେମାନେ ଅନ୍ୟ କବିଲାକୁ ନିଜର ସାହାଯ୍ୟ ନିମନ୍ତେ ଡ଼ାକରା ଦେଲେ । ହଜରତ ଜିୟାଦ୍ ସେମାନଙ୍କ ଉପରେ ଆକ୍ରମଣ କରି ତାଙ୍କର ଅନେକ ଲୋକମାନଙ୍କୁ ନିହତ କରିଦେଲେ ଅପରପକ୍ଷରେ ଅନ୍ୟ

କିଛି ଜୀବନ ବିକଳରେ ପଳାୟନ କଲେ । ହଜରତ ଜିୟାଦ୍ ସେମାନଙ୍କ କଏଦୀମାନଙ୍କୁ ମୁକ୍ତ କରିଦେଲେ । କିନ୍ତୁ ସେମାନେ ଫେରିଯାଇ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କରିଦେଲେ । ଅତଏବ ବନୁ ଉମ୍‌ରୋ, ଅଶଅସ୍, ବନୁ ଅସୱଦ୍ ଓ ବନୁ ହାରିସ୍ ଆଦି ଗୋଷ୍ଠୀମାନେ ଜକାତ୍ ଦେବାକୁ ସଫା ସଫା ମନା କରିବା ସହିତ ମୁକ୍ତ ଭାବରେ ବିଦ୍ରୋହୀ କରିବା ଆରମ୍ଭ କରିଦେଲେ । ବସ୍ତୁତଃ ହଜରତ ଜିୟାଦ୍ ବନୁ ଉମ୍‌ରୋ ଉପରେ ଆକ୍ରମଣ କରିଦେଲେ ଏବଂ ସେମାନଙ୍କର ଅନେକ ଲୋକମାନଙ୍କୁ ହତ୍ୟା କରିଦେଲେ ତଥା ଏକ ସଂଖ୍ୟା ଗରିଷ୍ଠ ଦଳକୁ କଏଦ୍ କରି ମଦିନା ପ୍ରେରଣ କରିଦେଲେ । କିନ୍ତୁ ମାର୍ଗରେ ଅଶଅସ୍ ଓ ବନୁ ହାରିସ୍‌ର ଲୋକମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରି ନିଜର କଏଦୀଙ୍କୁ ମୁକ୍ତ କରିନେଲେ । ଏହି ଘଟଣା ଫଳରେ ଆଖପାଖର ଅନେକ ଗୋଷ୍ଠୀ ସମୂହ ଶତ୍ରୁମାନଙ୍କ ସହିତ ମିଳିତ ହୋଇଗଲେ ଏବଂ ସେମାନେ ମଧ୍ୟ ପ୍ରତିବାଦ ଓ ବିଦ୍ରୋହର ଘୋଷଣା କରିଦେଲେ ।

କିନ୍ଦାଃର ଲୋକମାନେ ହଜ୍‌ରେ ମୌତ୍ ନିକଟରେ ଥିବା ନଜିର୍ ନାମକ ଏକ ଦୁର୍ଗରେ ଆତ୍ମଗୋପନ କଲେ । ହଜରତ ଜିୟାଦ୍ ହଜରତ ମୁହାଜିର୍ ଓ ହଜରତ ଅକରମା ର.ଅଙ୍କର ୫୦୦୦ସଂଖ୍ୟକ ସୈନ୍ୟଦଳ ଯେଉଁଥିରେ ଅନସାର୍, ପ୍ରବାସକାରୀ ଓ ଅନ୍ୟ କବିଲାର ଲୋକମାନେ ସାମିଲ ଥିଲେ । ନଜିର୍ ଦୁର୍ଗରେ ଆତ୍ମଗୋପନ କରିଥିବା ଲୋକମାନଙ୍କ ଏତେ ସଂଖ୍ୟକ ସୈନ୍ୟସାମନ୍ତ ଦେଖି ଭୟଭୀତ ହୋଇଗଲେ । ସେମାନଙ୍କ ସରଦାର ଅଶଅସ୍ ନିଜ ଓ ନିଜର ନଅ ଜଣ ସାଥିମାନଙ୍କୁ ମୁସଲମାନ ସେନା ସୁରକ୍ଷା ପ୍ରଦାନ କରିବା ସର୍ତ୍ତରେ ଦୁର୍ଗର ମୂଖ୍ୟ ଦ୍ୱାର ଖୋଲିଦେଲେ । ଘମାଘୋଟ ଯୁଦ୍ଧ ପରେ ମୁସଲମାନମାନଙ୍କୁ ବିଜୟ ଲାଭ ହେଲା । ହଜରତ ଅକରମା ବିଜୟର ସୁସମାଚାର ଓ ଯୁଦ୍ଧ କଏଦୀମାନଙ୍କୁ ଘେନି ହଜରତ ଅବୁବକର୍ ର.ଅଙ୍କ ସେବାରେ ଉପସ୍ଥିତ ହେଲେ । କିନ୍ତୁ ହଜରତ ଅବୁବକର୍ର.ଅ ସମସ୍ତ କଏଦୀମାନଙ୍କୁ ମୁକ୍ତ କରିଦେଲେ । ହଜରତ ଉମର ର.ଅଙ୍କ କାଳରେ ଇରାକ୍ ଓ ସିରିୟା ଯୁଦ୍ଧରେ ଅଶଅସ୍ ବିଶେଷ ସେବା ସମ୍ପାଦନ କରିଥିଲେ, ଫଳତଃ ତାଙ୍କର କିର୍ତ୍ତୀ ଓ ଯଶ ଉର୍ଦ୍ଧ୍ୱଗାମୀ ହୋଇଯାଇଥିଲା । ହଜରତ ମୁହାଜିର୍ ଓ ହଜରତ ଅକରମାର.ଅ ସମ୍ପୂର୍ଣ୍ଣ ରୂପେ ଶାନ୍ତି ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ହଜ୍‌ରେ ମୌତ୍ ଓ କିନ୍ଦାଃରେ ହିଁ ଅବସ୍ଥାନ କରିଥିଲେ । ବିପଥଗାମୀ ବିଦ୍ରୋହୀମାନଙ୍କ ସହିତ ଏହା ମୁସଲମାନମାନଙ୍କର ଅନ୍ତିମ ଯୁଦ୍ଧ ଥିଲା । **ତା'ପରେ ଆରବରୁ ବିଦ୍ରୋହ ଓ ବିଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ମୂଳପୋଛ ହୋଇ ଯାଇଥିଲା ।** ସମସ୍ତ ଗୋଷ୍ଠୀ ସମୂହ ଇସଲାମୀୟ ପ୍ରଶାସନ ଅଧୀନକୁ ଆସି ଯାଇଥିଲେ ।

ହଜରତ ମୁସ୍‌ଲେହ ମଉଦର.ଅ ବର୍ଣ୍ଣନା କରନ୍ତି; ମୌଲାନା ମୌଦୁଦୀ ସାହେବ ଏହା ଲେଖିଛନ୍ତି ଯେ ସାହାବା ସେ ସମସ୍ତ ଲୋକମାନଙ୍କୁ ବିରୁଦ୍ଧରେ ଯୁଦ୍ଧ କରିଥିଲେ ଯେ ହଜରତ ମୁହମ୍ମଦ ସ.ଅଙ୍କ ଅନ୍ତେ ଅବତାରତ୍ୱର ଘୋଷଣା କରିଥିଲା, ଏହା ସାହାବାଙ୍କ କଥନ ବିପରୀତ ଅଟେ । ମୌଲବୀ ସାହେବ ଇସଲାମୀୟ ଇତିହାସ ସମ୍ପର୍କରେ ଗଭୀର ଜ୍ଞାନ ରଖୁଥିବାର ଦାବୀ କରନ୍ତି । ସମ୍ଭବତଃ ସେ ଏପରି ମତ ପ୍ରକାଶ କରିବା ପୂର୍ବରୁ ଇସଲାମୀୟ ଇତିହାସକୁ ଭଲ ରୂପେ ଅନୁସନ୍ଧାନ କରିଥାନ୍ତେ କି ଯଦ୍ୱାରା ତାଙ୍କୁ ଜ୍ଞାତ ହୋଇ ଯାଇଥାନ୍ତା ଯେ ମୁସୈଲମାଃ କଜ୍ଜାବ, ଅସୱଦ୍ ଅନ୍‌ସୀ, ସଜାହ୍ ବିନ୍‌ତେ ହାରିସ୍ ଓ ତୁଲେହା ବିନ୍ ଖୌଏଲଦ୍ ଅସ୍‌ଦୀ ଆଦି ସମସ୍ତେ ଏପରି ବ୍ୟକ୍ତି ଥିଲେ ଯେ, ମଦିନାର ପ୍ରଶାସନିକ ବ୍ୟବସ୍ଥାର ଅସ୍ୱୀକାର କରି ଦେଇଥିଲେ । ନିଜ ନିଜ ଅଂଚଳରେ ନିଜ ଶାସନ ଚଳାଇଥିଲେ । ହଜରତ ମୁସ୍‌ଲେହ ମଉଦର.ଅ ଲେଖିଛନ୍ତି, **ସାହାବାମାନେ ଯେଉଁ ଲୋକମାନଙ୍କ ସହିତ ଯୁଦ୍ଧ କରିଥିଲେ ସେମାନେ ପ୍ରକୃତରେ ପ୍ରଶାସନର ବିଦ୍ରୋହୀ ଥିଲେ । ପ୍ରଶାସନକୁ ଖଜଣା ଦେବାକୁ ସଫା ସଫା ମନା କରି ଦେଇଥିଲେ, ଅଧିକନ୍ତୁ ସେମାନେ ମଦିନା ଉପରେ ଆକ୍ରମଣ କରି ଦେଇଥିଲେ ।** ଯେଉଁ ଲୋକମାନେ ଇସଲାମୀୟ ଇତିହାସକୁ ପରିବର୍ତ୍ତନ କରି ଉପସ୍ଥାପନ କରିଥାନ୍ତି

ସେମାନେ ଇସଲାମର ସେବା କରୁ ନାହାନ୍ତି । ଯଦି ତାଙ୍କର ମୂଳ ଉଦ୍ଦେଶ୍ୟ ଇସଲାମର ସେବା କରିବା ହୋଇଥାନ୍ତା ତେବେ ସେମାନଙ୍କୁ ସତ୍ୟ ଓ ବାସ୍ତବତାକୁ ପ୍ରାଧାନ୍ୟ ଦେବା ଉଚିତ୍ । ଭ୍ରମାତ୍ମକ କଥନ ଓ ପ୍ରମାଦପୂର୍ଣ୍ଣ ଘଟଣା ଆଦି ବୁଲେଇ ବଙ୍କେଇ ଉପସ୍ଥାପନ କରିବାରୁ ସମ୍ପୂର୍ଣ୍ଣ ରୂପେ ବିରତ ରହିବା ଉଚିତ୍ ।

ଜଣେ ଐତିହାସିକ ଉଲ୍ଲେଖ କରିଛନ୍ତି, ଏବେ ଆରବରୁ ସମସ୍ତ ପ୍ରକାରର ବିଦ୍ରୋହ ଓ ବିଶୃଙ୍ଖଳାମୂଳକ ଗତିବିଧିର ମୂଳୋତ୍ପାଟନ ହୋଇ ଯାଇଥିଲା ଏବଂ ସମସ୍ତ ବିଦ୍ରୋହୀମାନଙ୍କର ନାଶ କରି ଦିଆଯାଇଥିଲା । ହଜରତ ଅବୁବକର୍[ର.ଅ] ଯେଉଁଭଳି ଯୋଜନାବଦ୍ଧ ଭାବରେ ଓ ତୀବ୍ରତାର ସହିତ ସେସବୁର ମୂଳୋତ୍ପାଟନ କରିଥିଲେ ତାହା ଆପଣ [ର.ଅ]ଙ୍କ ଉଚ୍ଚ ପାରଦର୍ଶିତା ଓ ଦକ୍ଷତାର ସ୍ୱଷ୍ଟ ଦର୍ପଣ ଅଟେ । ସେଥିରୁ ସ୍ୱଷ୍ଟ ପ୍ରତୀତ ହେଉଛି ଯେ କିଭଳି ପାଦେ ପାଦେ ଆପଣ [ର.ଅ]ଙ୍କୁ ପରମେଶ୍ୱରଙ୍କର ସାହାଯ୍ୟ ସହଯୋଗ ପ୍ରାପ୍ତ ହୋଇଥିଲା । ବର୍ଷକରୁ କମ୍ ଅବଧି ମଧ୍ୟରେ ସେ ସମସ୍ତ ବିଦ୍ରୋହ ଓ ବିଶୃଙ୍ଖଳାକୁ କାବୁ କରିନେବା ଏବଂ ଆରବ ଭୂପୃଷ୍ଠରେ ପୁନଃ ଇସଲାମର ଶାସନ ପ୍ରକ୍ରିୟାକୁ ପ୍ରଚଳନ କରିଦେବା ନିଶ୍ଚିତ ରୂପେ ଏକ ଅଭୂତପୂର୍ବ ସଫଳତା ଥିଲା । ଇସଲାମର ଏହି ବିଜୟରେ ହଜରତ ଅବୁବକର୍[ର.ଅ] ଅତିଶୟ ଆନନ୍ଦିତ ଥିଲେ । **କିନ୍ତୁ ଏହି ଆନନ୍ଦରେ ଗର୍ବ କି ଅହଂ ଭାବର ନିମିତ ମାତ୍ର ଚିହ୍ନ ବର୍ଣ୍ଣ ନଥିଲା । କାରଣ ସେ ଜାଣିଥିଲେ ଯେ ଏ ଯାହା ସବୁ ଘଟିଲା ତାହା କେବଳ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ କୃପା ଓ ଅନୁକମ୍ପାର ପରିଣାମ ।** ଏହା ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା ଯେ ମୁଠାଏ ମୁସଲମାନ ସୈନିକଙ୍କ ସାହାଯ୍ୟରେ ଆରବର ବଳଶାଳୀ ବିଦ୍ରୋହୀ ଯୋଦ୍ଧାମାନଙ୍କ ମୁକାବିଲା କରି ତାଙ୍କୁ ପରାସ୍ତ କରିଦେଇ ପାରିଥାନ୍ତେ ଏବଂ ପୁର୍ନବାର ଇସଲାମୀୟ ବାନାକୁ ତାହାର ପୂର୍ଣ୍ଣ ଭବ୍ୟତାର ସହିତ ଉଡ଼େଇ ଦେଇଥାନ୍ତେ ।

ବିପଥଗାମୀ ବିଦ୍ରୋହୀ ଓ ଅଭିଯାନ ମୂଳକ ଗତିବିଧିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ପରେ ହଜରତ ଅବୁବକର୍ [ର.ଅ]ଙ୍କୁ ଏହି ଚିନ୍ତା ଘାରିଲା ଯେ ଆସନ୍ତା ପାଇଁ କି ପଦକ୍ଷେପ ଗ୍ରହଣ କରିବେ ? କାରଣ ପାର୍ସି ଓ ରୋମୀ ଉଭୟେ ଆରବ ଓ ଇସଲାମର ପୁରାତନ ଶତ୍ରୁ ଥିଲେ । ସେମାନଙ୍କ କବଳରୁ ସ୍ଥାୟୀ ସୁରକ୍ଷା ଲାଭ କରିବା ସକାଶେ କେଉଁ ପ୍ରକାରର ରଣନୀତି ଆପଣାଇବା ଫଳପ୍ରଦ ହେବ । ହଜରତ ମୁହମ୍ମଦ [ସ.ଅ]ଙ୍କ ଜୀବନ କାଳରୁ ହିଁ ଏହି ମହାଶକ୍ତି ଦ୍ୱୟ ଆରବକୁ ନିଜ ଅଧୀନସ୍ଥ କରିବାକୁ ସର୍ବଦା ପ୍ରୟାସରତ ରହୁଥିଲେ । ଆଉ ଯେତେବେଳେ ହଜୁର [ସ.ଅ]ଙ୍କର ନିଧନ ଘଟିଲା ସେତେବେଳେ ଅନେକ ଅଂଚଳ ଓ ଗୋଷ୍ଠୀ ବିଦ୍ରୋହ ଏବଂ ବିଶୃଙ୍ଖଳାର ଅଗ୍ନି ପ୍ରଜ୍ୱଳିତ କରି ମଦିନାକୁ ଭସ୍ମୀଭୂତ କରିବାକୁ ମୁଣ୍ଡ ଟେକିଲେ । ଏହାକୁ ଏକ ସୁବର୍ଣ୍ଣ ଅବସର ଜାଣି ହରକଲ୍‌ର ସେନା ସିରିୟା ଅଭିମୁଖେ ଓ ପାର୍ସିମାନଙ୍କ ସେନା ଇରାକ୍‌ରେ ଏକତ୍ରିତ ହେବା ଆରମ୍ଭ ହେଲେ । ଏପରି ସଂଙ୍କଟାପନ୍ନ ପରିସ୍ଥିତିରେ ହଜରତ ଅବୁବକର୍[ର.ଅ] ହଜରତ ଖାଲିଦ୍ ବିନ୍ ୱଲିଦ୍ [ର.ଅ]ଙ୍କୁ ପତ୍ର ଲେଖିଲେ, ଇରାକ୍‌ରେ ପହଂଚି ଲୋକମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ସେମାନଙ୍କୁ ନିଜ ପ୍ରତି ଆକର୍ଷିତ କର ଏବଂ ସେମାନଙ୍କ ନିକଟରେ ଅଲ୍ଲାଃଙ୍କ ବାର୍ତ୍ତା ପହଂଚାଅ । **ଯଦି ସେମାନେ ତାହା ସ୍ୱୀକାର କରି ନିଅନ୍ତି ତେବେ ଠିକ୍ ନଚେତ୍ ସେମାନଙ୍କ ଠାରୁ କର ଆଦାୟ କର । ଆଉ ଯଦି ସେମାନେ କର ଦେବାକୁ ମନା କରନ୍ତି ତେବେ ସେମାନଙ୍କ ସହିତ ଯୁଦ୍ଧ କର ।**

ହଜରତ ଖାଲିଦ୍ [ର.ଅ]ଙ୍କ ସୈନ୍ୟଦଳ ଖୁବ୍ କମ୍ ସଂଖ୍ୟାରେ ଥିଲେ । କାରଣ ପ୍ରଥମତଃ ତାଙ୍କର ଅଧିକାଂଶ ସୈନିକ ୟମାମା ଯୁଦ୍ଧରେ ଯୋଗ ଦେଇଥିଲେ । ଦ୍ୱିତୀୟତଃ ହଜରତ ଅବୁବକର୍ [ର.ଅ]ଙ୍କର ଆଦେଶ ରହିଥିଲା ଯେ କୌଣସି ବ୍ୟକ୍ତିକୁ ସେନାରେ ସାମିଲ ହେବାକୁ ବାଧ୍ୟ କରିବେ ନାହିଁ । ନା କୌଣସି ବିପଥଗାମୀକୁ ଯଦିଚ ସେ ପୁନଃ ମୁସଲମାନ ହୋଇଯାଏ, ତଥାପି ଖଲିଫାଙ୍କ ବିନା ଅନୁମତିରେ ଇସଲାମୀୟ ସେନାରେ ତାହାକୁ

ସାମିଲ କରିବେ ନାହିଁ । ସୁତରାଂ ହଜରତ ଖାଲିଦ୍[ର.ଅ] ଖିଲାଫତ୍ ଦରବାରରୁ ଅଧିକ ସୈନିକ ଲୋଡ଼ିଲେ । ଏହି ନିବେଦନକୁ ରକ୍ଷା କରି ହଜରତ ଅବୁବକର୍[ର.ଅ] କେବଳ ଜଣେ ବ୍ୟକ୍ତି ଅର୍ଥାତ କାଆକା ବିନ୍ ଉମ୍‌ରୋ [ର.ଅ]ଙ୍କୁ ତାଙ୍କ ନିକଟକୁ ପ୍ରେରଣ କଲେ । ଏଥିରେ ଲୋକମାନେ ଆଶ୍ଚର୍ଯ୍ୟ ଚକିତ ହେବାରୁ ହଜରତ ଅବୁବକର୍[ର.ଅ] ଉତ୍ତର ଦେଲେ; **ଯେଉଁ ସେନାରେ କାଆକା ପରି ବୀର ଯୋଦ୍ଧା ସାମିଲ ରହିବ ସେମାନେ କଦାପି ପତିତ ହେବେ ନାହିଁ ।** ଅଧିକନ୍ତୁ ଆପଣ[ର.ଅ] ହଜରତ ଖାଲିଦ୍ [ର.ଅ]ଙ୍କୁ ଲେଖିଲେ, ସେ ସେହି ଲୋକମାନଙ୍କୁ ନିଜ ସେନାରେ ସାମିଲ ହେବାକୁ ଡ଼ାକରା ଦିଅନ୍ତୁ ଯେଉଁମାନେ ହଜରତ ମୁହମ୍ମଦ [ସ.ଅ]ଙ୍କ ନିଧନ ପରେ ମଧ୍ୟ ଇସଲାମ ଧର୍ମରେ ଦୃଢ଼ତାର ସହିତ ପ୍ରତିଷ୍ଠିତ ରହିଛନ୍ତି । ଯେଉଁମାନେ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ଯୁଦ୍ଧରେ ଅଂଶ ଗ୍ରହଣ କରିଛନ୍ତି । ଏହି ପତ୍ର ହଜରତ ଖାଲିଦ୍ [ର.ଅ]ଙ୍କୁ ହସ୍ତଗତ ହେବା ପରେ ସେ ନିଜ ସେନାକୁ ଅନୁପ୍ରାଣିତ କରିବା ଆରମ୍ଭ କରିଦେଲେ ।

ଇରାକ୍‌ର କୃଷକମାନଙ୍କ ପ୍ରସଙ୍ଗରେ ହଜରତ ଅବୁବକର୍[ର.ଅ] ଯେଉଁ ସୁନ୍ଦର ଖସଡ଼ା ପ୍ରସ୍ତୁତ କରିଥିଲେ, ସେଥିସଂକ୍ରାନ୍ତରେ ଉଲ୍ଲେଖ ରହିଛି, ଆରବୀୟମାନେ ଇରାକ୍‌ର ଜମିରେ ଚାଷବାସ କରୁଥିଲେ । କିନ୍ତୁ ପାର୍ସି ଜମିଦାରମାନେ ସେହି ଗରିବ ଆରବୀୟମାନଙ୍କ ଉପରେ ଅତିଶୟ ଅନ୍ୟାୟ ଅତ୍ୟାଚାର କରୁଥିଲେ ଏବଂ କ୍ରୀତଦାସଙ୍କ ଠାରୁ ମଧ୍ୟ ଅତି ଶୋଚନୀୟ ଆଚରଣ ପ୍ରଦର୍ଶନ କରୁଥିଲେ । ବସ୍ତୁତଃ ହଜରତ ଅବୁବକର୍[ର.ଅ] ଆଦେଶ ଦେଲେ, ଯୁଦ୍ଧ ସମୟରେ ଆରବର କୃଷକ ବର୍ଗଙ୍କୁ କୌଣସି ପ୍ରକାରର କ୍ଷତି ପହଂଚାଇବ ନାହିଁ । ସେମାନଙ୍କ ସହିତ କୌଣସି ପ୍ରକାରର ଅସାଦାଚରଣ ପ୍ରଦର୍ଶନ କରିବ ନାହିଁ । ସେମାନଙ୍କୁ ଏହା ଅନୁଭବ ହେବାକୁ ଦେବ ଯେ ସେଠାରେ ଆରବର ଶାସନ ପ୍ରଚଳିତ ହେଲେ ସେମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାରର ଅବସାନ ଘଟିବ । **ସେମାନେ ନିଜ ଜାତିଭାଇଙ୍କ ମାଧ୍ୟମରେ ପ୍ରକୃତ ନ୍ୟାୟ ଓ ନିଜ ସ୍ୱାଧୀନତା ଫେରି ପାଇବେ ।** ହଜରତ ଅବୁବକର୍ [ର.ଅ]ଙ୍କର ଏହି ବୁଦ୍ଧିମାନ ପୂର୍ଣ୍ଣ ପନ୍ଥା ମୁସଲମାନମାନଙ୍କ ପାଇଁ ବେଶ୍ ଫଳପ୍ରଦ ସାବ୍ୟସ୍ତ ହେଲା । ସେମାନଙ୍କ ବିଜୟର ମାର୍ଗରେ ସହଜତା ଉତ୍ପନ୍ନ ହୋଇଚାଲିଲା ଏବଂ ସେମାନଙ୍କୁ ଆଉ ଏହି ଭୟ ରହିଲା ନାହିଁ ଯେ, ଆଗକୁ ଅଗ୍ରସର ହୋଇ ଚାଲିଲେ ପଛ ପଟରୁ ଶତ୍ରୁ ଆକ୍ରମଣ କରି ସେମାନଙ୍କ ମାର୍ଗ ଅବରୁଦ୍ଧ କରିଦେବ ।

ପ୍ରିୟ ହଜୁର ଅନୱର[ଅ.ବ] କହିଲେ, ଯୁଦ୍ଧ ଓ ମୁସଲମାନମାନଙ୍କର କ୍ରମାଗତ ବିଜୟର ଗାଥା ଆସନ୍ତାରେ ମଧ୍ୟ ଜାରି ରହିବ । ଇନ୍‌ଶାଅଲ୍ଲାଃ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
15th July 2022